# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**06th March - 2025**

**********************************

***BBSR/R***

## ମୁଖ୍ୟମନ୍ତ୍ରୀ

ରାଜ୍ୟ ସରକାର ସମୃଦ୍ଧ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରୁଛନ୍ତି । ଏହି କ୍ରମରେ ବିକଶିତ ଗାଁ - ବିକଶିତ ଓଡ଼ିଶା ଯୋଜନା କାର୍ଯ୍ୟକାରୀ କରାଯାଇଛି । ଆଗାମୀ ୫ ବର୍ଷରେ ଯୋଜନାରେ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଜୟଦେବ ଭବନରେ ଗତକାଲି ମହାନ୍ ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍‌ରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ମିଳିଛି । ଆଗାମୀ ଦିନରେ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବାପାଇଁ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Cuttack/R***

# ପୁରୀ ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗର ଯାଞ୍ଚପାଇଁ ଗଠିତ ଜଷ୍ଟିସ୍ ରଘୁବୀର ଦାସ କମିଶନ୍‌ଙ୍କ ରିପୋର୍ଟ କ୍ୟାବିନେଟ୍ ବୈଠକରେ ଉପସ୍ଥାପନ କରାଯିବ । ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରାଯାଇଛି । ଏ ସଂକ୍ରାନ୍ତରେ ଆଗତ ମାମଲାର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ଏବଂ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କ ଖଣ୍ଡପୀଠ ଶୁଣାଣି କରିଛନ୍ତି । ଆସନ୍ତା ୧୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ।

***BBSR/R***

# ବିଧାନସଭା ଅଧିବେଶନ

ରାଜ୍ୟ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧିବେଶନ କାଳରେ ଖର୍ଚ୍ଚଦାବୀ ଆଲୋଚନା ସହିତ ବ୍ୟୟ ମଞ୍ଜୁରି ବିଧେୟକ ପାରିତ ହେବ । ସୂଚନା ଅନୁସାରେ ସପ୍ତଦଶ ବିଧାନସଭାର ପ୍ରଥମ ପର୍ଯ୍ୟାୟ ଅଧିବେଶନ ଗତ ଫେବୃୟାରୀ ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ସରକାର ୨୦୨୫-୨୬ ଆର୍ଥିକ ବର୍ଷପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ ।

**_Desk_**

# ସୁଭଦ୍ରା ସହାୟତା ରାଶି

ଭୁବନେଶ୍ୱରରେ ଆଜି ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ସହାୟତା ରାଶି ପ୍ରଦାନ କରାଯିବ । ଏହି ପର୍ଯ୍ୟାୟରେ ୨ ଲକ୍ଷ ୩୦ ହଜାରରୁ ଅଧିକ ନୂତନ ହିତାଧିକାରୀଙ୍କୁ ୧୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ । ସେହିଭଳି ଆସନ୍ତା ଶନିବାର ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ସହାୟତା ରାଶି ଦିଆଯିବ ।

**_Sambalpur/R_**

# ସୁଭଦ୍ରା ଶକ୍ତିମେଳା

ସମ୍ବଲପୁର ଜିଲ୍ଲା ଅଇଁଠାପାଲିସ୍ଥିତ ବିର୍ସା ମୁଣ୍ଡା ମଇଦାନରେ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟିତ ହୋଇଯାଇଛି । ଏହି ମେଳା ମହିଳା ସ୍ୱୟଂ ସହାୟକ ଗୋଷ୍ଠିଗୁଡ଼ିକ ନିଜର ଉତ୍ପାଦ ବିକ୍ରି କରିବାପାଇଁ ସୁଯୋଗ ପ୍ରଦାନ କରିଛି ବୋଲି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି :

**_Voice_** :........

*IPR, Bhadrak/R*

# ସମୀକ୍ଷା ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟପାଇଁ ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହାସହ ବହୁମୁଖୀ ଭିତ୍ତିଭୂମି ନିର୍ମାଣ, ଗ୍ରୀଷ୍ମପ୍ରବାହର ମୁକାବିଲାପାଇଁ ଆଗୁଆ ପ୍ରସ୍ତୁତି, ଅନ୍ତ୍ୟୋଦୟ ଗୃହଯୋଜନାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ନେଇ ବୈଠକରେ ଆଲୋଚନା ହୋଇଛି ।

ଏହି କ୍ରମରେ ଭଦ୍ରକ ଜିଲ୍ଲା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକଶିତ ଗାଁ – ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ପ୍ରତ୍ୟେକ ଗାଁର ସାମଗ୍ରିକ ବିକାଶ ଉପରେ ଆଲୋଚନା ହୋଇଛି ।

*Ganjam/R*

# ଅଂଶୁଘାତ ପ୍ରସ୍ତୁତି ବୈଠକ

ଗଞ୍ଜାମ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅଂଶୁଘାତଜନିତ ମୁକାବିଲାପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଦୃଷ୍ଟିରେ ରଖି ଜଳକ୍ଲିଷ୍ଟ

ଅଞ୍ଚଳଗୁଡ଼ିକରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଚିକିତ୍ସାଳୟଗୁଡ଼ିକରେ ଅଂଶୁଘାତଜନିତ ଚିକିତ୍ସାପାଇଁ ସ୍ୱତନ୍ତ୍ର ୟୁନିଟ୍ ଖୋଲିବା ଏବଂ ସହରାଞ୍ଚଳଗୁଡ଼ିକରେ ପ୍ରତି ଦେଢ଼ଶହ ମିଟରରେ ଜଳଛତ୍ର ଖୋଲିବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଅଚଳ ନଳକୂପ ମରାମତି ଓ ନିରନ୍ତର ବିଜୁଳି ଯୋଗାଣ ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

*Desk*

## ବିମାନ ଚଳାଚଳ

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଆସନ୍ତା ୩୦ ତାରିଖରେ ଉତ୍ତର ପ୍ରଦେଶର ଗାଜିଆବାଦ ଏବଂ ପୋର୍ଟ ବ୍ଲେୟାରକୁ ବିମାନ ଚଳାଚଳ କରିବ । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସୂଚନା ଦିଆଯାଇଛି । ଏହି ଦୁଇଟି ବିମାନ ଦୈନିକ ଚଳାଚଳ କରିବ ବୋଲି ଜଣାପଡ଼ିଛି ।

*Ganjam/R*

## ରାଷ୍ଟ୍ରୀୟ ଲୋକ ଅଦାଲତ

ଗଞ୍ଜାମ ଛତ୍ରପୁର ତାଲୁକ ଆଇନସେବା କମିଟି ପକ୍ଷରୁ ଆସନ୍ତା ଶନିବାର ଦିନ ଛତ୍ରପୁର କୋର୍ଟ ପରିସରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ

ଅଦାଲତ ଅନୁଷ୍ଠିତ ହେବ । ଲୋକମାନଙ୍କୁ ଏ ସମ୍ପର୍କରେ ଜଣାଇବାପାଇଁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଏହି ରଥ ବିଭିନ୍ନ ସ୍ଥାନ ପରିଭ୍ରମଣ କରି ଆଇନ ସେବା କମିଟିଦ୍ୱାରା ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ବିଷୟରେ ସଚେତନତା ସୃଷ୍ଟି କରୁଛି ।

***Desk***

## ରେଳ ଟ୍ରାକ୍ ସୁରକ୍ଷା

ରେଳଟ୍ରାକ୍ ସୁରକ୍ଷା ବୃଦ୍ଧି କରିବାପାଇଁ ପୂର୍ବତଟ ରେଳପଥଦ୍ୱାରା ୧ ହଜାର କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି । ସୁରକ୍ଷିତ ଟ୍ରେନ୍ ପରିଚାଳନା ଏବଂ ଟ୍ରାକ୍ ନିକଟରେ ଗୃହପାଳିତ ପଶୁ ଓ ବନ୍ୟପ୍ରାଣୀଙ୍କ ଗତିବିଧିକୁ ରୋକିବା ଲାଗି ଟ୍ରାକ୍ ସେଫ୍ଟି ଫେନ୍ସିଂ କାର୍ଯ୍ୟ କରାଯାଉଛି । ସୂଚନା ଅନୁଯାୟୀ, ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧୀନରେ ୧ ହଜାର ୨୫ କିଲୋମିଟର ରେଳଧାରଣା ସୁରକ୍ଷା ବାଡ଼ପାଇଁ ୩୮୮ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଥିବାବେଳେ ସମ୍ବଲପୁର ଓ ୱାଲଟିୟର ରେଳମଣ୍ଡଳ ଅଧୀନରେ ସୁରକ୍ଷା ବାଡ଼ପାଇଁ ଅର୍ଥ ମଞ୍ଜୁର କରାଯାଇଛି ।

*Met. O.*

# ପାଣିପାଗ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଗତକାଲି ବୌଦ୍ଧ ଜିଲ୍ଲାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୮ ଦଶମିକ ୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ହୋଇଥିଲା । ଆସନ୍ତା ୩ ଦିନ ମଧ୍ୟରେ ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି ।

*****